ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା

କୁଡୁମୀ ସମାଜର ଜାତୀୟ ବାନ୍ଦନା ପରବ-୨୦୨୬ରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

କୁଡୁମୀ ସମାଜର ପ୍ରାଚୀନ ପରମ୍ପରା ଓ ପ୍ରକୃତି ପ୍ରେମକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

କୁଡୁମୀ ସମାଜର କଳା, ସଂସ୍କୃତିର ସଂରକ୍ଷଣ ଓ କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ

ବାନ୍ଦନା କେବଳ ଏକ ପର୍ବ ନୁହେଁ, ଏହା ପ୍ରକୃତି, ମାଟି ଓ ଗୋଧନର ଏକ ଜୀବନ୍ତ କାବ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର
୧୩ ନଭେମ୍ବର ୨୦୨୬

ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ ଠାରେ ଆଜି ଆୟୋଜିତ 'ଜାତୀୟ ବାନ୍ଦନା ପରବ – ୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଉଚ୍ଚ ପ୍ରଶଂସା କରିଛନ୍ତି ।

ଏହି ପବିତ୍ର ଅବସରରେ ମୁଖ୍ୟମନ୍ତ୍ରୀ କୁଡୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାବେଶୀ ବିକାଶ ମଡେଲରେ କୁଡୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସଦାସର୍ବଦା ବଦ୍ଧପରିକର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଶାଣ ଆମ ସଂସ୍କୃତିର ଆତ୍ମା ।

ସେ ଆହୁରି ମଧ୍ୟ କହିଛନ୍ତି ଯେ କୁଡୁମୀ ଜାତି ହେଉଛନ୍ତି ଭୂମିର ସନ୍ତାନ ଏବଂ ମାଟିକୁ ସ୍ୱେଦରେ ସିଞ୍ଚି ଶସ୍ୟଶ୍ୟାମଳା କରିବାର କଳା କୁଡୁମୀ ସମାଜଠାରୁ ଶିଖିବାକୁ ମିଳେ । ପ୍ରକୃତିକୁ ମା' ଭାବେ ପୂଜା କରିବା, ଗଛଲତା, ପାହାଡ଼, ନଦୀ-ନାଳ ଏବଂ ପ୍ରାଣୀଜଗତ ସହ ସହବସ୍ଥାନ କରିବାର ଯେଉଁ ଅନନ୍ୟ ଶୈଳୀ ଏହି ସମାଜ ପାଖରେ ରହିଛି, ତାହା ସମଗ୍ର ମାନବ ସମାଜ ପାଇଁ ଏକ ଦିଗଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ମୟୂରଭଞ୍ଜ ମାଟି ସହ ନିଜର ଗଭୀର ଆତ୍ମିକ ସମ୍ପର୍କକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ହେଉଛି ତାଙ୍କର ଦ୍ୱିତୀୟ ଘର ଏବଂ ଘରକୁ କିଛି ଦିନ ଅନ୍ତରାଳରେ ଆସିଲେ ଯେପରି ଆନନ୍ଦ ମିଳିଥାଏ, ଆଜି ଠିକ୍ ସେହିପରି ଆନନ୍ଦ ଅନୁଭବ ହେଉଛି ।

କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ ଓ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ଥିବା ଭାଇଚାରାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁବେଳେ ପ୍ରଥମ ସ୍ଥାନରେ ରହିଆସିଛି । ବାଲ୍ୟକାଳରୁ ନିଜ ଗାଁରେ କୁଡୁମୀ ପରିବାରଗୁଡ଼ିକ ସହ ବଢ଼ିଥିବା ସ୍ମୃତିକୁ ରୋମନ୍ଥନ କରି ସେ ଢେଙ୍ଗୁଆନ ବୁଲିବା ଏବଂ ପିଠା ଖାଇବାର ନିଆରା ଅନୁଭୂତି ବାଣ୍ଟିବା ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ କୁଡୁମୀ ସମ୍ପ୍ରଦାୟର ସହଯୋଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ୱୀକାର କରିଥିଲେ ।

କୁଡୁମୀ ସମ୍ପ୍ରଦାୟର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କର୍ମରେ ବିଶ୍ୱାସ କରୁଥିବା ଏହି ପ୍ରାଚୀନ ଓ ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବସବାସ କରୁଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ମୟୂରଭଞ୍ଜ ଓ କେନ୍ଦୁଝର ଏ ଜାତିର ମୁଖ୍ୟ ବାସସ୍ଥଳୀ ପାଲଟିଥିବା ବେଳେ ବାରିପଦା ଓଡ଼ିଶାର କୁଡୁମୀମାନଙ୍କର ଅଘୋଷିତ ରାଜଧାନୀ ଭାବେ ପରିଚିତ ହୋଇଛି। ଏକ ସ୍ୱାଭିମାନୀ, ବିଶ୍ୱସ୍ତ ଓ ରାଷ୍ଟ୍ରଭକ୍ତ ଜାତି ଭାବେ କୁଡୁମୀମାନେ ସଂଘର୍ଷରୁ ସଫଳତା ହାସଲ କରିବାରେ ବିଶ୍ୱାସ କରନ୍ତି ଏବଂ ଆଜି କୃଷି ସହିତ ବାଣିଜ୍ୟ ଓ ଚାକିରି କ୍ଷେତ୍ରରେ ମଧ୍ୟ ନିଜର ପାରଦର୍ଶିତା ପ୍ରତିପାଦନ କରୁଛନ୍ତି। ସେହିପରି କୁଡୁମୀମାନଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବି ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ ।

ବାନ୍ଦନା ପରବ ଓ ଅନ୍ୟାନ୍ୟ ପାରମ୍ପରିକ ପର୍ବପର୍ବାଣୀର ମହତ୍ତ୍ୱ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋ-ଜାତି ପ୍ରତି ସମ୍ମାନ ଓ କୃତଜ୍ଞତା ଅର୍ପଣ ପାଇଁ ଆବାହମାନ କାଳରୁ ଗୋଠ ପୂଜା, ଗୁହାଳ ପୂଜା ଓ ଗୋରୁ ବାନ୍ଦନା ଆଦି ପାଳନ କରାଯାଇଆସୁଛି । ଏହା ସହିତ କରମ ପର୍ବ ମାଧ୍ୟମରେ କରମ ଗଛକୁ ପୂଜା କରି ଏହି ସମାଜ ସାରା ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିବା ବେଳେ ଟୁସୁଦେବୀଙ୍କ ବୀରତ୍ୱର ଗାଥା କୁଡୁମୀ ମହିଳା ଓ ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି । ଶିକ୍ଷା କ୍ଷେତ୍ରରେ କୁଡୁମୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ କେନ୍ଦୁଝରର ଦିଗରାଜ ମହାନ୍ତ, ତପନ କୁମାର ମହାନ୍ତ, କଟକର ଚନ୍ଦନ କୁମାର ମହାନ୍ତ ଏବଂ ଚଳିତ ବର୍ଷ ବାରିପଦାର ପାର୍ଥ ସାରଥୀ ମହାନ୍ତ ମେଟ୍ରିକ୍ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇଥିବା ବେଳେ ମୟୂରଭଞ୍ଜର ଝିଅ ସଞ୍ଜନା ମହାନ୍ତ ଯୁକ୍ତ ଦୁଇ ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇ ସମଗ୍ର ଜାତିର ସୁନାମ ବଢ଼ାଇଛନ୍ତି ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ" ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଜ୍ୟ ସରକାର " ସମାବେଶୀ ବିକାଶ" ମଡେଲରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜାତି, ସମ୍ପ୍ରଦାୟ ଓ ଅଞ୍ଚଳର ସମାନ ପ୍ରଗତି ହେଲେ ହିଁ ରାଜ୍ୟ ସମୃଦ୍ଧ ହୋଇପାରିବ ବୋଲି ମତଦେଇ କୁଡୁମୀ ସମାଜର କଳା ଓ ସଂସ୍କୃତିର ସୁରକ୍ଷା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋ-ସମ୍ପଦର ଅଭିବୃଦ୍ଧି ପାଇଁ ସରକାର ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

ଏହି ସାଂସ୍କୃତିକ ମହାମିଳନ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କୁଡୁମୀ ସମାଜର ସାମାଜିକ ଏକତା ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି ଏବଂ ପରମ୍ପରାକୁ ସମୃଦ୍ଧ କରିବାରେ କୁଡୁମୀ ସମ୍ପ୍ରଦାୟର ଅବଦାନ ଅତୁଳନୀୟ। ବାରିପଦା ତଥା ସମଗ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଭିତ୍ତିଭୂମିର ଉନ୍ନତି ପାଇଁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି, ଯେଉଁଥିରେ କୁଡୁମୀ ସମାଜର ସାମାଜିକ ଓ ଆର୍ଥିକ ଉନ୍ନତିକୁ ସ୍ୱତନ୍ତ୍ର ପ୍ରାଥମିକତା ଦିଆଯାଉଛି ।

ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କୁଡୁମୀ ସମାଜର ପ୍ରକୃତି ପ୍ରେମ ଓ ଶ୍ରମିକ କଲ୍ୟାଣ ଦିଗରେ ଆଲୋକପାତ କରିଥିଲେ । ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ କହିଛନ୍ତି ଯେ, କୁଡୁମୀ ସମାଜ ପ୍ରକୃତି ଓ ଜଙ୍ଗଲକୁ ନିଜ ପରିବାର ଭଳି ସୁରକ୍ଷା ଦେଇଆସୁଛି। ବାନ୍ଦନା ଓ କରମ ଭଳି ପର୍ବ ମାଧ୍ୟମରେ ପରିବେଶ ସୁରକ୍ଷାର ଯେଉଁ ମହାନ ବାର୍ତ୍ତା ଏହି ସମାଜ ଦେଉଛି, ତାହା ଆଜିର ଜଳବାୟୁ ପରିବର୍ତ୍ତନ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ । ଏହା ସହିତ ପରିଶ୍ରମୀ କୁଡୁମୀ କୃଷକ ଓ ଶ୍ରମିକ ଭାଇଭଉଣୀମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମ କଲ୍ୟାଣକାରୀ ଯୋଜନାରେ ସାମିଲ କରି ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯିବ ।

ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ଶ୍ରୀ ନବ ଚରଣ ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି, ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ଏସ. ଡ଼ି. ସି ଚେୟାରମ୍ୟାନ ଡଃ ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁ,ଜାତୀୟ ବାନ୍ଦନା ପରବ କମିଟିର ସଭାପତି ଡ଼ଃ କାଳିପଦ ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ଉପଦେଷ୍ଟା ଶ୍ରୀ ଛୋଟଲାଲ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ ।